


୨୨ ବର୍ଷ ● ୧ମ ସଂଖ୍ୟା ● ଜୁଲାଇ ୨୦୨୧ (ସ୍ୱନକ୍ଷତ୍ର ସ୍ୱତନ୍ତ୍ର: ବିଭୂତି ବିଶେଷାଙ୍କ)

| | |
|---|---|
| **ସମ୍ପାଦକୀୟ** | : ବାତାୟନ |
| **ବିଭୂତି ବିଶେଷାଙ୍କ** | : ବିଭୂତି ବିଶେଷାଙ୍କ ସମ୍ପର୍କରେ |
| **ଆଲୋଚନା** | : ପ୍ରତିଶୋଧର ପ୍ରଭଞ୍ଜନ: ସର୍ବହରାର ଅଟ୍ଟହାସ୍ୟ, ଅଶ୍ୱମେଧର ଘୋଡ଼ା: ବିପ୍ଳବର ମନ୍ଦ୍ରନିନାଦ, 'ଜଟିଳ ସମ୍ପର୍କ'ର ସଂଗୋପନ କଥା,... |
| **ଆଳାପ** | : ବିଭୂତି ପଟ୍ଟନାୟକ |
| **ସାହିତ୍ୟ** | : ବିଭୂତି ପଟ୍ଟନାୟକଙ୍କ ଦଶଟି ଗଳ୍ପ ଓ ପାଞ୍ଚଟି କବିତା |
| **ନିୟମିତ** | : ରାଶିଫଳ, ଘରକରଣା, ରୂପଚର୍ଯ୍ୟା, ସ୍ୱାସ୍ଥ୍ୟ ସୂଚନା ଓ ଅନ୍ୟାନ୍ୟ। |

## ବାତାୟନ:

### ଇତି ସାମନ୍ତ

ବିଭିନ୍ନ ସମୟରେ ବିଭିନ୍ନ ଶାସକଙ୍କ ଦ୍ୱାରା ଶାସିତ ହୋଇଛି ଆମ ଭାରତବର୍ଷ। ଭିନ୍ନଭିନ୍ନ ଶାସକମାନେ ବିସ୍ତାର କରିଛନ୍ତି ତାଙ୍କର ସାମ୍ରାଜ୍ୟ ଆମ ଦେଶରେ। ତେବେ ସେ ମଧ୍ୟରୁ ଗୋଟିଏ ବହୁ ଚର୍ଚ୍ଚିତ ସାମ୍ରାଜ୍ୟ ହେଉଛି ମୋଗଲ ସାମ୍ରାଜ୍ୟ। ଏହା କେବଳ ଚର୍ଚ୍ଚିତ ନ ଥିଲା, ଥିଲା ସବୁଠାରୁ ବଡ଼ ସାମ୍ରାଜ୍ୟ। ଏସବୁ ଭିତରେ ନାରୀମାନେ ଯେ ଉନ୍ନତି କରିବାରୁ ବାଦ୍ ପଡ଼ିଛନ୍ତି, ତା'ନୁହେଁ। ଇତିହାସ ପୃଷ୍ଠାର ଏ ନାରୀଚରିତ୍ର ଜଣଙ୍କ ଯିଏ ନିଜର ପରିବେଶ ପରିସ୍ଥିତିକୁ ସାଙ୍ଗରେ ନେଇ ଏଭଳି କାର୍ଯ୍ୟ କରିଯାଇଛନ୍ତି, ଯାହାର ଆଲୋଚନା ହୋଇଚାଲିଛି କାଳରୁ କାଳ ପର୍ଯ୍ୟନ୍ତ, ପଥ ପ୍ରଦର୍ଶକ ସାଜିଛନ୍ତି ସେ ନିଜର କାର୍ଯ୍ୟକଳାପ ଯୋଗୁଁ ଅନ୍ୟ ନାରୀଙ୍କ ପାଇଁ। ତାଙ୍କରି ବିଷୟରେ ଆଲୋଚନା ଏ ମାସର 'ବାତାୟନ' ପୃଷ୍ଠାରେ।

## ବିଭୂତି ବିଶେଷାଙ୍କ ସମ୍ପର୍କରେ

ଆରମ୍ଭରୁ ଏପର୍ଯ୍ୟନ୍ତ 'କାଦମ୍ବିନୀ' ସବୁବେଳେ ତା' ସହିତ ପାରିବାରିକ ସଂଜ୍ଞାଟିକୁ ବହନ କରିଚାଲିଛି। ଏହା ପଛରେ ଦୃଢ଼ କାରଣଟିଏ ମଧ୍ୟ ରହିଛି। କାରଣଟି ହେଉଛି, ସମଗ୍ର ଓଡ଼ିଆ ଜାତିକୁ ସେ ତା'ର ପରିବାର ବୋଲି ମନେକରେ। କେବଳ ମନେକରେ ନାହିଁ, ସମସ୍ତ ଓଡ଼ିଆ ପରିବାରକୁ ସ୍ନେହ କରେ, ଭଲପାଏ 'କାଦମ୍ବିନୀ'। ଅହରହ ଚେଷ୍ଟା କରି ଚାଲିଥାଏ, ସମସ୍ତଙ୍କର ସ୍ନେହର ପାରିବାରିକ ସଦସ୍ୟଟିଏ ହୋଇ ରହିବା ସହିତ ତିଆରି କରି ଚାଲିବ ସୁନ୍ଦର ଏକ ପାରିବାରିକ ବନ୍ଧନ। ଏତେ ବର୍ଷ ଧରି ମନଧ୍ୟାନ ଦେଇ କରିଚାଲିଛି ମଧ୍ୟ ସେହି କାମ। ସେହି କ୍ରମରେ ଏଥର ଆମର, ଆପଣମାନଙ୍କର ପ୍ରିୟ 'କାଦମ୍ବିନୀ' ତା'ର ସ୍ୱନକ୍ଷତ୍ର ସ୍ୱତନ୍ତ୍ର ସଂଖ୍ୟାଟିକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଛି ଲୋକପ୍ରିୟ କଥାକାର ଡ. ବିଭୂତି ପଟ୍ଟନାୟକଙ୍କୁ।

## ଆଳାପ: ବିଭୂତି ପଟ୍ଟନାୟକ

ଡ. ବିଭୂତି ପଟ୍ଟନାୟକଙ୍କ ସହ 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତଙ୍କ ସାକ୍ଷାତାଳାପ।

## ଗଳ୍ପ

ଏଥର ଗଳ୍ପ ବିଭାଗରେ ଅଛି ବିଭୂତି ପଟ୍ଟନାୟକଙ୍କ ଦଶଟି ଗଳ୍ପ: 'ସମାନ୍ତର ସରଳରେଖା', 'କାନ୍ଦୁରୀ ବୁଢ଼ୀର ଶେଷ ହସ', 'ବିବର୍ଣ୍ଣ ଜୀବନର ରଙ୍ଗ', 'ଖେଳଘର', 'ଦୃଶ୍ୟ', 'ମୁଁ, ରାନୁ ଦିଦି ଓ ରମାନାଥବାବୁ', 'ଇତିହାସ', 'ଦୁଃଖର ଉତ୍ସବ', 'ଇସ୍ପାତ ନଗରୀରେ ରାତି' ଏବଂ 'ଗ୍ରହଣ'।

## କବିତା

ଏଥର କବିତାରେ ବିଭାଗରେ ଅଛି ବିଭୂତି ପଟ୍ଟନାୟକଙ୍କ ପାଞ୍ଚଟି କବିତା: 'ସେ ଏକ ପ୍ରଗଲ୍‌ଭା ନଦୀ', 'ଲାବଣ୍ୟବତୀର ଚିଠି', 'ଲୁମୁମ୍ବା', 'ଆମେ' ଏବଂ 'ହେମହରିଣୀ'।

## ଆଲୋଚନା:

### ପ୍ରତିଶୋଧର ପ୍ରଭଞ୍ଜନ: ସର୍ବହରାର ଅଟ୍ଟହାସ୍ୟ

### ଲେଖକ: କଇଳାଶ ପଟ୍ଟନାୟକ

ପାଠକେ! କହିବା ବାହୁଲ୍ୟ, ଏମିତି ଅଭାବନୀୟ ଘଟଣାରୁ ଯେଉଁ ରହସ୍ୟ ଉପନ୍ୟାସର ଆରମ୍ଭ, ସେ ତ ନିଶ୍ଚୟ ରଖିବ ତା' ସହିତ ଅନୁରୂପ ଘଟଣାବଳୀର ଧାରା! ଘଟଣାବଳୀ ହେବ ଯେତେବେଶୀ ଅବିଶ୍ୱାସ୍ୟ, କିଶୋର ପାଠକ ମନରେ ସେତେବେଶୀ ବଢୁଥିବ ରୋମାଞ୍ଚ। ସେଇ ରୋମାଞ୍ଚ ତ ଲେଖକର ପୁଞ୍ଜି। ସେତକ ତ ତା'ର ସଫଳତାର ଚାବିକାଠି। ସେଇ ଶିହରଣ ସୃଷ୍ଟିକରି ନ ପାରିଲେ ଲେଖକର ସବୁ ଶ୍ରମ ହୁଏ ପଣ୍ଡ।

### ଅଶ୍ୱମେଧର ଘୋଡ଼ା: ବିପ୍ଳବର ମନ୍ଦ୍ରନିନାଦ

### ଲେଖକ: ବିଜୟ ନାୟକ

ସାହିତ୍ୟର ଏକ ମନୋଜ୍ଞ ବିଭାବର ନାମ ଉପନ୍ୟାସ। କିନ୍ତୁ ସୃଷ୍ଟିକ୍ରମ ବିଚାରରେ ଏହା ଅର୍ବାଚୀନ। କାବ୍ୟକବିତା ବା କଥାକାହାଣୀ ପରି

ସାରସ୍ୱତ ପରଂପରାର ଏହା ସୁପ୍ରାଚୀନ ଧାରା ନୁହେଁ। ଆଧୁନିକ ପରିଭାଷାରେ ଯାହା ଉପନ୍ୟାସ ପଦବାଚ୍ୟ, ତାହା ଅଷ୍ଟାଦଶ ଶତାବ୍ଦୀର ଅବଦାନ ମାତ୍ର। ତତ୍‌ପରବର୍ତ୍ତୀ କାଳରେ ବିଭିନ୍ନ ଭାରତୀୟ ଭାଷାରେ ଏହି ସର୍ଜନକଳାର ଆବିର୍ଭାବ ଘଟିଛି। ଉନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରୁ ଏଯାବତ୍ ଓଡ଼ିଆ ଉପନ୍ୟାସ ଗତିଶୀଳ ହୋଇ ମହାସ୍ରୋତସ୍ୱତୀରେ ପରିଣତ ହୋଇଛି।

### ପ୍ରେମ-ଅପ୍ରେମରେ 'ପ୍ରେମିକା'ର ଭାବରୂପ
### ଲେଖକ: ଅଧ୍ୟାପକ ବିଶ୍ୱରଂଜନ

ନାୟିକାର ବୟସ ଅଠର, ନାୟକର ଛବିଶ। ଜୀବନରେ ବସନ୍ତର ବର୍ଣ୍ଣବିଭା, ବୟସର କୃଷ୍ଣଚୂଡ଼ା। କବିତାର ଝରଣାରେ ଝରିଯିବାର ସମୟ। କୂଳ ଲଙ୍ଘିବାର ଆବେଗ ଉଚ୍ଛ୍ୱାସ। ଏଇଠୁ ପ୍ରେମର ଆରମ୍ଭ। ପ୍ରେମର ପ୍ରବାହ। ଜୀବନକୁ ନେଇ କେତେ କଳ୍ପନା, କେତେ ସ୍ୱପ୍ନ। ଲକ୍ଷ୍ୟ ଏକ ସୁନ୍ଦର ଦାମ୍ପତ୍ୟ ଜୀବନ। ମାତ୍ର ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ବିବାହ ବନ୍ଧନରେ ରୂପାୟିତ ହୁଏନାହିଁ। ବେଳେବେଳେ କୀଟଦ୍ରଂଷ୍ଟ ହୋଇଯାଏ ଫୁଟିଥିବା ଫୁଲ। ନାୟକ-ନାୟିକାଙ୍କ ମଧ୍ୟରେ ଖଳନାୟିକା ବା ନାୟକର ଅନୁପ୍ରବେଶ ଘଟେ। ଫଳରେ ବିବାହ ପାଇଁ ନିର୍ବନ୍ଧ ହେଲା ପରେ ମଧ୍ୟ, ଶୁଭମିଳନ ବଦଳରେ ନାୟକ-ନାୟିକାଙ୍କର ପରସ୍ପରଠାରୁ ବିଦାୟର ପର୍ବ ଆରମ୍ଭ ହୁଏ। 'ଅନଳ'କୁ ଏକାଏକା ଜଳିବାକୁ ଛାଡ଼ିଦେଇ 'ଅବଲମ୍ବନ'ର ଗୃହାଙ୍ଗନକୁ ଆଦରିନିଏ ପଲ୍ଲବୀ, ନିଜକୁ ଅଧିକ ପଲ୍ଲବିତ ଓ ପୁଷ୍ପଫଳମଣ୍ଡିତା କରିବା ପାଇଁ।

### ଅନନ୍ୟା 'ସୁଲତାନା'
### ଲେଖକ: ଅସିତ ମହାନ୍ତି

ବିଭୂତି ପଟ୍ଟନାୟକ ବୃତ୍ତିଗତ ଭାବରେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ଥିଲେ ହେଁ, ସେ ଥିଲେ ଉଭୟ ସାହିତ୍ୟ ଓ ଇତିହାସର ଛାତ୍ର। ତାଙ୍କ ଇତିହାସ ଅଧ୍ୟାପନାର ସ୍ୱାଦ ଛାତ୍ରଛାତ୍ରୀ ପାଇ ନାହାନ୍ତି। କିନ୍ତୁ ତାଙ୍କ ଇତିହାସ ଅଧ୍ୟୟନର ଫଳ ଓଡ଼ିଆ ପାଠକ ପାଇଛନ୍ତି, ଏହି 'ସୁଲତାନା' ମାଧ୍ୟମରେ।

### 'ଜଟିଳ ସମ୍ପର୍କ'ର ସଂଗୋପନ କଥା
### ଲେଖକ: କୃଷ୍ଣଚନ୍ଦ୍ର ପ୍ରଧାନ

ଓଡ଼ିଆ ଉପନ୍ୟାସର କଥାପରିଧି ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଲେଖନୀରେ ଲାଭ କରିଛି ଏକ ସୁବିସ୍ତୃତ ପଟ୍ଟଭୂମି। ଏହି ପଟ୍ଟଭୂମି ମାଧ୍ୟମରେ ଯେକୌଣସି ସଚେତନ ପାଠକ ଭାରତୀୟ ଜୀବନଦୃଷ୍ଟିଟିକୁ ଅନାୟାସେ ଲକ୍ଷ୍ୟ କରିପାରିବେ। ପ୍ରେମମୂଳକ ସାମାଜିକ ଉପନ୍ୟାସ ରଚନା କ୍ଷେତ୍ରରେ ତାଙ୍କର ସିଦ୍ଧି ଅପ୍ରଶ୍ନବାଚୀ। ରୋମାଣ୍ଟିକ୍ କଥାବସ୍ତୁ ଚୟନ ସହିତ ତାଙ୍କ ଉପନ୍ୟାସ ଚରିତ୍ରମାନଙ୍କର ଚମତ୍କାର ଅନ୍ତର୍ମନ ବିଶ୍ଳେଷଣ ପାଠକମାନଙ୍କୁ ତାଙ୍କ ଉପନ୍ୟାସର କଥାବସ୍ତୁ ମଧ୍ୟରେ ସମ୍ମୋହିତ କରିଦେବାର ସାମର୍ଥ୍ୟ ରଖେ। ତାଙ୍କ ଉପନ୍ୟାସର ଅଧିକାଂଶ ନାୟକ-ନାୟିକ ଯୁବକ ଓ ଯୁବତୀ ଏବଂ ସେହି ଦୃଷ୍ଟିରୁ ତାରୁଣ୍ୟର ଉଦ୍ଦାମତାରେ ଛଳଛଳ।

### ଅନ୍ଧାରିଗଡ଼ର ଅବ୍ୟକ୍ତ ଇତିକଥା: ଚପଳଛନ୍ଦା ବାଉଁଶରାଣୀ ତୋପାନୀର ଗାଥା
### ଲେଖକ: ଆଲୋକ ବରାଳ

**ଅନ୍ଧାରିଗଡ଼ର ଅଭିଶପ୍ତ ଇତିକଥା:** ଦ୍ୱିତୀୟ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ରାଜତନ୍ତ୍ର ବିରୋଧୀ ପ୍ରଜା-ଆନ୍ଦୋଳନ ସହ ଏକ ଗଡ଼ଜାତୀ ରାଜ୍ୟର ଅନ୍ଧାରି ଶାସନର ବିଲୁପ୍ତି ଏବଂ ସେଥିରୁ ଉତ୍ସରିତ ନବ୍ୟ ରାଜତନ୍ତ୍ରର ଭ୍ରଷ୍ଟ ରାଜନୀତିକ ଅନୁସନ୍ଧିତ୍ସାକୁ ଅବଲୋକନ କରିହେବ ଯାତନା ନଗରୀର ଅନ୍ଧାରିଗଡ଼ର ରାଜା ବୈରୀଗଞ୍ଜନଙ୍କୁ ସ୍ୱାଧୀନତାର ପୂର୍ବ ଓ ପର ପୃଷ୍ଠଭୂମିରେ। ଲେଖକଙ୍କର ସ୍ୱୀକାରୋକ୍ତିରେ ଏହାର ପୃଷ୍ଠଭୂମି କୌଣସି ଏକ ନିର୍ଦ୍ଦିଷ୍ଟ ଗଡ଼ଜାତର ଘଟନା ଆଧାରିତ ନୁହେଁ ବୋଲି ଉଲ୍ଲେଖ ରହିଥିଲେ ହେଁ, ଏହାର ଅନ୍ତରାଳରେ ଅବଶ୍ୟ ଦେଖିହେବ ଗଡ଼ଜାତୀ ରାଜାମାନଙ୍କର ଅତ୍ୟାଚାର ଓ ପ୍ରଜାପୀଡ଼ନର ବୀଭତ୍ସ ନାରକୀୟତାକୁ।

### ସମାଜ ତାତ୍ତ୍ୱିକ ବନାମ ପାଠକ-ସମାଲୋଚକ ବିଭୂତି
### ଲେଖକ: ସନ୍ତୋଷ ତ୍ରିପାଠୀ

ତାଙ୍କ କଥାସାହିତ୍ୟକୁ ତମେଆମେ ଆଜକୁ ଷାଠିଏ ବର୍ଷ ଧରି ଭାବ ବିଡ଼ୋଳନକାରକ ପଠନୋତ୍ସବର ସ୍ୱାଦ ପାଇବା ପାଇଁ ପଢ଼ିଆସୁଥିବା ବେଳେ ତାଙ୍କ ଲେଖକୀୟତା ସ୍ୱୀକାର କରେ - କଥାସାହିତ୍ୟର ବିଭାବନୀକରଣ ବିକଳ୍ପନା ତାଙ୍କ ପାଇଁ କେବେ ବି ସହଜ ସୁଖକାରକ ଓ ଉତ୍ସବମୟ ପ୍ରତିପାଦକ ହୋଇନାହିଁ। ଅନେକ କଠିନ ମୁହୂର୍ତ୍ତରେ ତାଙ୍କ ସର୍ଜନଶୀଳସତ୍ତା ଛାୟାପୁରୁଷ ହୋଇ କଥାସାହିତ୍ୟର ପରିଧି ଭିତରେ ଥିବା ଚିତ୍ରଚରିତ୍ର, ଦେଶକାଳ, ପ୍ରତିକୂଳ ଅନୁକୂଳ ପ୍ରସଙ୍ଗ ସହିତ ସଂଘର୍ଷ ଓ ସନ୍ଧି କରିନି।

### ବିଭୂତି ପଟ୍ଟନାୟକଙ୍କ କଥା ସାହିତ୍ୟରେ ପ୍ରେମ
### ଲେଖିକା: ପଲ୍ଲୀଶ୍ରୀ ପଟ୍ଟନାୟକ

ପ୍ରେମର ବୃତ୍ତ ଭିତରେ ଆଜି ଆଙ୍କିବାକୁ ଯାଉଛି ପ୍ରେମିକା ହୃଦୟଟିଏ ବିଭୂତି ପଟ୍ଟନାୟକଙ୍କ ସ୍ପର୍ଦ୍ଧିତ ହୃଦୟକୁ। ବିଭୂତି ପଟ୍ଟନାୟକ, ଓଡ଼ିଆ କଥାସାହିତ୍ୟର ଏକ ସମ୍ଭ୍ରାନ୍ତ ଉଚ୍ଚାରଣ, ଯାହାଙ୍କର ଉପନ୍ୟାସଟିଏ ପ୍ରତ୍ୟେକ ଓଡ଼ିଆଣୀଙ୍କ ବାହାପେଡ଼ିରେ ଯାଉଥିଲା। ଯିଏ ଏବେ ବି କୋଟିକୋଟି ହୃଦୟରେ ସଞ୍ଜିବିତ। ସତରେ କେଉଁ ଝିଅଟେ ବା ବିଭୂତୀୟ 'ପ୍ରେମିକା' ହେବାକୁ ଚାହେଁନା, କିଏ ବା' ନଚାହେଁ 'ବଧୂ ନିରୁପମା' ହେବାପାଇଁ...

## ବିଭୂତି ପଟ୍ଟନାୟକଙ୍କ 'ମହିଷାସୁରର ମୁହଁ'

### ଲେଖକ: ଗୌରହରି ଦାସ

୨୦୦୯ରେ କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର୍ ଦ୍ୱାରା ପ୍ରକାଶିତ 'ମହିଷାସୁରର ମୁହଁ' ୨୦୧୫ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା। ବିଭୂତି ପଟ୍ଟନାୟକଙ୍କୁ ବେଶୀ ଭାଗ ପାଠକ ଜଣେ ରୋମାଣ୍ଟିକ୍ ଚେତନାର ଲେଖକ ଭାବେ ଜାଣିଲେ ସୁଦ୍ଧା, ସେ ଜଣେ ସମାଜବାଦୀ ସାହିତ୍ୟିକ। ନିଜେ ସେ ବହୁକାଳ ସମାଜବାଦ ଆନ୍ଦୋଳନ ସହ ସଂପୃକ୍ତ ଥିଲେ ଏବଂ ତାଙ୍କର ଲେଖାଗୁଡ଼ିକରେ ପୁଞ୍ଜିପତି-ଜମିଦାର-ସାହୁକାରବିରୋଧୀ ଚିନ୍ତାଧାରା ପ୍ରାଞ୍ଜଳ ଭାବେ ଉଦ୍ଗୀର୍ଣ୍ଣ। 'ମହିଷାସୁରର ମୁହଁ' - ଏଇ ଶୀର୍ଷକ ଗଳ୍ପର ସ୍ୱର ପ୍ରତାରଣା ବିରୋଧରେ ପ୍ରତିଶୋଧର ନିଷ୍ପତ୍ତି।

## ଅନ୍ୟ ଏକ ଭାରତବର୍ଷ: ଏକ ଅନବଦ୍ୟ ସଂକଳନ

### ଲେଖକ: ଅରବିନ୍ଦ ରାୟ

"ବିଭୂତି ପଟ୍ଟନାୟକ: ସୃଜନର ଏକ ସମାର୍ଥବୋଧକ ଶବ୍ଦ। ଆଧୁନିକ ଓଡ଼ିଆ କଥନ କଳାର କିଂବଦନ୍ତୀୟ କାରିଗର ଭାବରେ କୀର୍ତ୍ତିରେ ବିଭୂଷିତ ଦୀପ୍ତି ଓ ଦ୍ୟୁତି। ସେ ଦୃଶ୍ୟକୁ କରିପାରନ୍ତି ଦର୍ଶନ, ସେ ଚିତ୍ରକୁ କରିପାରନ୍ତି ଚରିତ୍ର, ସେ ଭାବକୁ କରିପାରନ୍ତି ଭୂମି, ସେ ମୂର୍ତ୍ତିକୁ ଦେଇପାରନ୍ତି ଅମରତ୍ୱ। ସେ ଯାହାବି ଲେଖନ୍ତି, ତାହା ସାହିତ୍ୟ ହୋଇଯାଏ। ସେ ସ୍ତୁତି ହେଉ ବା ଶ୍ରଦ୍ଧାଞ୍ଜଳି। ସେ ସାରସ୍ୱତ ସାଧକ - ସମାଜ ସଂସ୍କାରକ।

## 'କଳିକାଳ'ର ଭାବଭୂମି: ଭାଗବତୀୟ ଜୀବନ ଦର୍ଶନ

### ଲେଖକ: ରୁଦ୍ରନାରାୟଣ ମହାପାତ୍ର

ଦ୍ୱାପର-କଳିର ଯୁଗାନ୍ତର ସନ୍ଧିରେ ସେଦିନ ହସ୍ତିନା ନରେଶ ପରୀକ୍ଷିତଙ୍କ ହୃଦୟରେ କଳିଙ୍କର ଅବସ୍ଥାନ ସ୍ୱରୂପ ଓ ଚାରିତ୍ରିକ ବିଶେଷତ୍ୱକୁ ନେଇ ଯେଉଁସବୁ ପ୍ରଶ୍ନ ଉଙ୍କି ମାରିଥିଲା, "କଳି ଅଛି କେଉଁଠି ? ତା'ର ଅନ୍ଧକାରମୟ ସ୍ୱରୂପର ସାକ୍ଷାତ ହେବ କିପରି ?", ପ୍ରାରମ୍ଭ ଗଳ୍ପରେ ମାତ୍ର କେତୋଟି ଖଟା କମଳାର ପ୍ରଲୋଭନରେ 'ନୀଳଜ୍ୟୋତ୍ସ୍ନା'ର ନାୟିକା ଅର୍ଚ୍ଚନାଙ୍କ ସହିତ ପ୍ରତିବେଶୀ ରମାସୁନ୍ଦରୀଙ୍କ ସହିତ ଦ୍ୱନ୍ଦ୍ୱଯୁଦ୍ଧ ଆରମ୍ଭ ହୁଏ। ଆକ୍ଷେପ ଓ ପ୍ରତିଆକ୍ଷେପର ପରିଣାମ ନୀଳ ଈର୍ଷାରେ ସ୍ନାନ କରିବାବେଳେ ଦେଖଣାହାରୀର ଦୃଷ୍ଟିବିଭ୍ରମ ଘଟେ।

## ଯେ ଦରକା ଖୋଲିଲା ସେ ଗାୟତୟୀ

### ଲେଖକ: ସର୍ବେଶ୍ୱର ବେହେରା

ଶିଳ୍ପ ବିପ୍ଳବ ପରେ ମନୁଷ୍ୟ ମନରେ ସହରୀ ସଭ୍ୟତାର ନୂତନ ସ୍ପର୍ଶ ଲାଗିଛି। ଗାନ୍ଧିଜୀଙ୍କ ପରିକଳ୍ପିତ କୁଟୀର ଶିଳ୍ପର ଧ୍ୱଂସାବଶେଷ ଭିତରେ ମୁଣ୍ଡଟେକି ଉଠିଛି ସରକାରୀ ଓ ବେସରକାରୀ ପ୍ରଚେଷ୍ଟାରେ ବିଭିନ୍ନ ଶିଳ୍ପାନୁଷ୍ଠାନ। ଯୁଗଯୁଗର ମର୍ଯ୍ୟାଦାଦୀପ୍ତ କୌଳିକ ପ୍ରଥାକୁ ଦୂରକୁ ଫିଙ୍ଗି ଦେଇ ଗ୍ରାମୀଣ ଯୁବସମାଜ ଚାକିରିଟିଏ ପାଇଁ ସହରାଭିମୁଖୀ ହୋଇଛି। ଗ୍ରାମୀଣ ପରିବେଶ ଶ୍ରୀହୀନ ହେବା ସଙ୍ଗେସଙ୍ଗେ ସହରର ଶୋଭା, ଆଲୋକର ଉଜ୍ଜ୍ୱଳତା ସହିତ ମୁକ୍ତ ଜୀବନଯାପନ ପାଇଁ ସହରର ଜନବସତି ଦ୍ରୁତ ବଢ଼ିଚାଲିଛି। ବୃତ୍ତିଗତ ଜୀବନର ସମଗ୍ର ସଞ୍ଚିତ ଅର୍ଥ ବ୍ୟୟରେ ବ୍ୟକ୍ତିଟିଏ ଆଜି ଚାହୁଁଛି ସହରର ଛାତି ଉପରେ ମୁଠାଏ ମାଟି। ଭିଟାମାଟିର ମୋହଠାରୁ ସହରର ଚକମକ ଆକର୍ଷଣ ସାଂପ୍ରତିକ ଜନସମାଜକୁ କବଳିତ କରିଛି।

## ବିସ୍ମୟ, ବିଶ୍ଳେଷଣ, ବିନ୍ୟାସ: 'ଅଳକର ପ୍ରେମିକ'ରେ ବିଭୂତିଙ୍କ ଗଳ୍ପମାନସ

### ଲେଖକ: ଜ୍ଞାନୀ ଦେବାଶିଷ ମିଶ୍ର

ସାହିତ୍ୟର ବିବିଧ ସଂରଚନା ସହିତ ସମ୍ପୃକ୍ତ ହେଲେ ମଧ ବିଭୂତିଙ୍କୁ ପାଠକେ କଥା ସଂରଚନାର ବଳୟରେ ବେଶୀ ଖୋଜନ୍ତି ଓ ଦେଖିବାକୁ ଚାହାନ୍ତି। ଏପର୍ଯ୍ୟନ୍ତ ମଧ ବିଭୂତିଙ୍କ ଲେଖନୀ ସଚଳ, ଏ ପର୍ଯ୍ୟନ୍ତ ମଧ ବିଭୂତି ପାଠକମାନଙ୍କର ପ୍ରିୟ ହେତୁ ପ୍ରକାଶକମାନଙ୍କର ପ୍ରିୟ ମଧ। ପ୍ରାୟ ସାତଦଶନ୍ଧି କାଳ ଧରି ନିରନ୍ତର ଓ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସାଧନା କରିଆସୁଥିବା ଏହି ଗାଳ୍ପିକ ବ୍ୟକ୍ତିଜୀବନର ପ୍ରେମ-ପ୍ରଣୟ-ଦୈନନ୍ଦିନ ଜୀବନ-ସାଧାରଣ ଦିନଚର୍ଯ୍ୟା- ସାମାଜିକ ପ୍ରସଙ୍ଗ ବା ସମସ୍ୟାଟିଏକୁ ଗଳ୍ପର ପରିସରଭୁକ୍ତ କରିପାରନ୍ତି।

## ପ୍ରଗଲ୍‌ଭା ନଦୀର କବି

### ଲେଖିକା: ପ୍ରଜ୍ଞାପ୍ୟୀ ରଥ

ସଂକଳନର ପ୍ରଥମ କବିତାର ନାମ ଅନୁସାରେ ଶୀର୍ଷକ 'ସେ ଏକ ପ୍ରଗଲ୍‌ଭା ନଦୀ'। ମନେହୁଏ କବିଙ୍କର ଅନ୍ତଃସତ୍ତା ହିଁ ପ୍ରଗଲ୍‌ଭ, ପ୍ରଗଲ୍‌ଭ ବୋଲି ଗଳ୍ପକଳା ଓ ଉପନ୍ୟାସ ବିନ୍ୟାସର ଚତୁର ବିଧାଣି। ପ୍ରଗଲ୍‌ଭତା ଗାଳ୍ପିକର ପ୍ରଥମ ସଦ୍‌ଗୁଣ। କବି କମ୍ ଶବ୍ଦରେ ବେଶି କଥା କହିପାରେ। ଭାବ ସଂପ୍ରେଷଣ କବିତାର ପ୍ରାଣ, ଅନ୍ୟଥା ତା'ର ସୌନ୍ଦର୍ଯ୍ୟହାନି ହୁଏ। କୁହାଯାଉଥିବା 'ପ୍ରଗଲ୍‌ଭା ନଦୀ' ଜଣେ ଶାଶ୍ୱତ ପ୍ରେମିକା ଏଠି।

## ଜୀବନ ଓ ସମକାଳର ନାନା ନକ୍ସା

### ଲେଖକ: ପ୍ରଦୀପ କୁମାର ରାୟ

ଓଡ଼ିଆ ସାହିତ୍ୟରେ ମଧ ଆତ୍ମଜୀବନୀର ବିପୁଳ ଭଣ୍ଡାର ଆମେ ଦେଖିବାକୁ ପାଉ। ଓଡ଼ିଆ ସାହିତ୍ୟର ଅଜସ୍ର ଆତ୍ମଜୀବନୀ ଭିତରୁ ମାତ୍ର ଖୁବ୍ ଅଳ୍ପସଂଖ୍ୟକ ଆତ୍ମଜୀବନୀ ମୁଁ ପଢ଼ିବାର ସୌଭାଗ୍ୟ ଅର୍ଜ୍ଜନ କରିଛି, ତେଣୁ ମୋର ବିଚାର ଶେଷ ବିଚାର ହୋଇ ନ ପାରେ।

## ପରଦାରେ ବିଭୂତୀୟ କଥା ସାହିତ୍ୟ

ସାହିତ୍ୟର ବିଭିନ୍ନ ବିଭାଗ ଯଥା: ଗଳ୍ପ, ଉପନ୍ୟାସ, ନାଟକ, କାବ୍ୟ କବିତା ଇତ୍ୟାଦି ସବୁକାଳେ ଅନ୍ୟ କଳାରେ ରୂପାନ୍ତରିତ ହୋଇଆସିଛନ୍ତି ବା ଅନ୍ୟ ରୂପ ନେଇଛନ୍ତି। ତେବେ ସିନେମା ସବୁଠୁ ଅଧିକ ଗ୍ରହଣ କରିଛି ଗଦ୍ୟ ସାହିତ୍ୟକୁ ବା ଗଳ୍ପ, ଉପନ୍ୟାସକୁ। ଅନ୍ୟ ବାଟରେ କହିଲେ ଗଳ୍ପ, ଉପନ୍ୟାସ ଉପରେ ଆଧାରିତ ହୋଇଛି ବିଶ୍ୱର ଅନେକ ସିନେମା। ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ ଆମ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଚଳଚ୍ଚିତ୍ର। ଉପସ୍ଥାପନା: ଅମିତାଭ ଖିଲାର

## କଥାରେ କଥାରେ: ସେମାନେ ବି କୁହନ୍ତି

ଆଧୁନିକ ଓଡ଼ିଆ କଥା ସାହିତ୍ୟର ବିସ୍ମୟ ବିନ୍ଧାଣୀ ବିଭୂତି ପଟ୍ଟନାୟକ। ଖୁବ୍ ଲୋକପ୍ରିୟ ଏହି କଥାକାରଙ୍କ କଥା କାରିଗରୀରେ ଭରପୂର ଓଡ଼ିଆ କଥାସାହିତ୍ୟ। ସ୍ୱକୀୟ କଥା-କୀର୍ତ୍ତି ପାଇଁ ବହୁ ବିଦିତ, ବହୁ ପରିଚିତ। ବିବିଧ ବର୍ଣ୍ଣନା ଓ ବ୍ୟଞ୍ଜନାର ଯାଦୁକରି ସ୍ପର୍ଶରେ ତାଙ୍କ ସାହିତ୍ୟ ହୋଇଛି ବିପୁଳ ଭାବେ ପାଠକାଦୃତ। ସେହିପରି ବ୍ୟକ୍ତି ବିଭୂତିଙ୍କ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ପାଲିଟିଛି ପ୍ରେରଣାପ୍ରଦ। ସେହିଭଳି ଜଣେ ପଟାନ୍ତରହୀନ ସ୍ରଷ୍ଟା ଓ ବ୍ୟକ୍ତି, କାହା ପାଇଁ କିଭଳି ସ୍ୱରୂପ ବହନ କରନ୍ତି; ଆସନ୍ତୁ ଜାଣିବା। ପ୍ରସ୍ତୁତି ଓ ସାକ୍ଷାତ: କେଦାର ପୃଷ୍ଟି

## କାଦମ୍ବିନୀ ପରିକ୍ରମା: ସମ୍ପୂର୍ଣ୍ଣ 'କାଦମ୍ବିନୀ' ଜୁନ୍ ସଂଖ୍ୟା
## ସମୀକ୍ଷା: ସ୍ୱର୍ଣ୍ଣଲତା ପରିଡ଼ା

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ଜୁନ୍-୨୦୨୧ ସଂଖ୍ୟାଟି 'ଆମ ରୋଷେଇ' ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଏହି ସଂଖ୍ୟା ସମ୍ପର୍କରେ ଏକ ଆକଳନ।

## ପୁସ୍ତକ ପରିକ୍ରମା:

ଏ ମାସର ପୁସ୍ତକ ପରିକ୍ରମାରେ ଅଛି: କଥା ଦଶକ: ଶାନ୍ତନୁ କୁମାର ଆଚାର୍ଯ୍ୟ, ପୁନର୍ଜନ୍ମ, ଜହ୍ନରାତିର ଗୀତି, ମୁଁ ପାୟଲ୍ ଏବଂ ବିଶ୍ୱେଶ୍ୱରୀ ମହାକାଳୀ।

## ଆମ ରୋଷେଇ:

ଏଥରର ରୋଷେଇ ପୃଷ୍ଠାରେ ଅଛି ଶୁଭଦର୍ଶିନୀ ପରିଡ଼ାଙ୍କ; ଆମ୍ବ ସୁଜି କେକ୍, ଆମ୍ବ ସାଗୁ କ୍ଷୀରୀ, ଆମ୍ବପଣା, , ଆମ୍ବ କଷ୍ଟାଡ଼, ଆମ୍ବ ସେକ୍, ଆମ୍ବ ବଡ଼ି ଛେଚା।

## ସ୍ୱାସ୍ଥ୍ୟ ସୂଚନା: ପିଲାଙ୍କର ପତଳା ଝାଡ଼ା

ବେଳେବେଳେ ପେଟ ଖରାପ ହେଲେ ବା ଅତ୍ୟଧିକ ଖରା ଯୋଗୁଁ ପତଳା ଝାଡ଼ା ଭଳି ସମସ୍ୟା ଦେଖାଯାଇଥାଏ। ତେବେ କ'ଣ ଏହାର କାରଣ ଓ ନିରାକାରଣ ତାକୁ ନେଇ 'କାଦମ୍ବିନୀ'ର ଏହି ସ୍ୱାସ୍ଥ୍ୟ ସୂଚନା।

## ଏବଂ ନିୟମିତ ବିଭାଗ:

'ଇତି ଆପଣଙ୍କର', 'କାଦମ୍ବିନୀ ଖବର', 'ରାଶିଗଣନା', 'ତିଥି-ବାର-ବେଳା', 'ଆମ ରୋଷେଇ', 'ଘରକରଣା', 'ରୂପଚର୍ଯ୍ୟା'।

■■■